# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**26 December - 2024**

**News Editor : Tapan Kumar Maharana**

**********************************

## ମୁଖ୍ୟ ସମ୍ବାଦ

- ପିଲାମାନଙ୍କର ସଫଳତା ନାଗରିକମାନଙ୍କୁ ପ୍ରେରଣା ଯୋଗାଇଥାଏ; କହିଲେ ରାଷ୍ଟ୍ରପତି

– ବିଭିନ୍ନ କ୍ଷେତ୍ରରେ ଉତ୍କର୍ଷତା ଆଣିଥିବା ୧୭ ଜଣ ପିଲାଙ୍କୁ ଦେଲେ ପ୍ରଧାନମନ୍ତ୍ରୀ ରାଷ୍ଟ୍ରୀୟ ବାଲ୍ ପୁରସ୍କାର

- ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଆସନ୍ତା ଶନିବାର ଦିନ ଓଡ଼ିଶା ଗସ୍ତରେ ଆସିବେ

- ଆସନ୍ତା ଆର୍ଥିକ ବର୍ଷରେ ରାଜ୍ୟ ସରକାର ସୃଷ୍ଟି କରିବେ ୨୫୭ ହେକ୍ଟର ହେନ୍ତାଳ ବଣ

ଏବଂ

- ଶ୍ରୀମନ୍ଦିରରେ ଚଳିତ ମାସରେ ପରୀକ୍ଷାମୂଳକ ଧାଡ଼ି ଦର୍ଶନ ବ୍ୟବସ୍ଥା ହେବ ନାହିଁ

***News Pool***

## ରାଷ୍ଟ୍ରପତି-ବାଲ୍ ପୁରସ୍କାର

ପ୍ରତ୍ୟେକ ପିଲାଙ୍କ ପାଖରେ ଅତୁଳନୀୟ ଗୁଣ ରହିଛି ଏବଂ ସେମାନଙ୍କର ସଫଳତା ଦେଶର ନାଗରିକମାନଙ୍କୁ ପ୍ରେରଣା ଯୋଗାଇବ ବୋଲି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି । ନୂଆଦିଲ୍ଲୀଠାରେ ଆଜି ରାଷ୍ଟ୍ରପତି ୭ଟି ବର୍ଗରେ ଉତ୍କର୍ଷ ପ୍ରତିପାଦନ କରିଥିବା ୧୭ଜଣ ପିଲାଙ୍କୁ ପ୍ରଧାନମନ୍ତ୍ରୀ ରାଷ୍ଟ୍ରୀୟ ବାଲ୍ ପୁରସ୍କାର ପ୍ରଦାନ କରି କହିଛନ୍ତି, ପିଲାମାନଙ୍କର ଉପଲବ୍ଧିକୁ ସମସ୍ତଙ୍କ ପାଖରେ ପହଞ୍ଚାଇବା ଦରକାର। ଏହି ଅବସରରେ ରାଷ୍ଟ୍ରପତି କହିଛନ୍ତି...

**- V/O -**

କଳା ଓ ସଂସ୍କୃତି, ସାହସିକତା, ଉଦ୍‌ଭାବନ, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା, ସମାଜସେବା, କ୍ରୀଡ଼ା ଓ ପରିବେଶ ଆଦି କ୍ଷେତ୍ରରେ ୧୪ଟି ରାଜ୍ୟରୁ ମନୋନୀତ ହୋଇଥିବା ପିଲାଙ୍କୁ ପୁରସ୍କାର ପ୍ରଦାନ କରାଯାଇଛି । ବିଶ୍ୱ ଯୁବଭାରୋତ୍ତଳନ ପ୍ରତିଯୋଗିତାରେ ସ୍ୱର୍ଣ୍ଣପଦକ ହାସଲ କରିଥିବା ଢେଙ୍କାନାଳ ଜିଲ୍ଲାର ପ୍ରୀତିସ୍ମିତା ଭୋଇ ପୁରସ୍କୃତ ହୋଇଛନ୍ତି। ପୁରସ୍କାର ବାବଦରେ ପଦକ, ପ୍ରମାଣପତ୍ର ଏବଂ ପ୍ରଶଂସାପତ୍ର ପୁସ୍ତିକା ମିଳିଛି।

***Desk***

## ପିଏମ୍-ବାଲ୍‌ବୀର ପୁରସ୍କାର

ସୁସ୍ଥ ରାଷ୍ଟ୍ର ନିର୍ମାଣରେ ସୁସ୍ଥ ଯୁବପିଢ଼ୀଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି । ନୂଆଦିଲ୍ଲୀର ଭାରତ

ମଣ୍ଡପମ୍‌ଠାରେ ପ୍ରଧାନମନ୍ତ୍ରୀ ବାଲ୍‌ବୀର ପୁରସ୍କାର ବିଜେତାଙ୍କ ସହ ମତ ବିନିମୟ କରି ଶ୍ରୀ ମୋଦୀ କହିଛନ୍ତି, ଇତିହାସରୁ ବର୍ତ୍ତମାନ ଯାଏ ଦେଶର ପ୍ରଗତିରେ ଯୁବପିଢ଼ୀର ବଡ଼ ଭୂମିକା ରହିଛି । ସବୁ କ୍ଷେତ୍ରରେ ଯୁବଶକ୍ତି କ୍ରାନ୍ତି ଆଣୁଛନ୍ତି । ପ୍ରଧାନମନ୍ତ୍ରୀ କହିଛନ୍ତି, ଦେଶ ପାଇଁ କରାଯାଉଥିବା ପ୍ରତ୍ୟେକ କାର୍ଯ୍ୟ ସାହସିକତାର ପ୍ରତୀକ । କୌଣସି ପ୍ରତିକୂଳ ପରିସ୍ଥିତିରେ ମଧ୍ୟ ଦେଶ ହିତଠାରୁ ବଳି ଅନ୍ୟ କିଛି ନାହିଁ ।

***Desk***

## ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କ ଓଡ଼ିଶା ଗସ୍ତ

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଆସନ୍ତା ୨୮ ତାରିଖ ଶନିବାର ଦିନ ଭୁବନେଶ୍ୱର ଗସ୍ତରେ ଆସିବେ ବୋଲି ରାଜ୍ୟ ବିଜେପି ପ୍ରଭାରୀ ବିଜୟ ପାଲ ସିଂ ତୋମାର କହିଛନ୍ତି। ଶ୍ରୀ ଶାହା କଳିଙ୍ଗ ଷ୍ଟାଡିୟମ୍‌ରେ ଏକ କାର୍ଯ୍ୟକ୍ରମରେ ଯୋଗଦେବାର କାର୍ଯ୍ୟସୂଚୀ ରହିଛି।

***BBSR/R***

## ରାଜ୍ୟପାଳଙ୍କୁ ବିଦାୟ ସମ୍ବର୍ଦ୍ଧନା

ପୂର୍ବତନ ରାଜ୍ୟପାଳ ରଘୁବର ଦାସଙ୍କୁ ରାଜ୍ୟ ସରକାରଙ୍କ ପକ୍ଷରୁ ଆଜି ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ରାଜ୍ୟ ଅତିଥି ଭବନଠାରେ ଅନୁଷ୍ଠିତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତାଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଜଣାଇଥିଲେ। କାର୍ଯ୍ୟକ୍ରମରେ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ରାଜସ୍ୱ ମନ୍ତ୍ରୀ

ସୁରେଶ ପୂଜାରୀ, ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତଙ୍କ ସମେତ ମୁଖ୍ୟ ଶାସନ ସଚିବ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ନିଜ ପ୍ରତିକ୍ରିୟା ରଖି ଶ୍ରୀ ଦାସ କହିଛନ୍ତି, ଓଡ଼ିଶା ଆଗାମୀ ଦିନରେ ଏକ ବିକଶିତ ରାଜ୍ୟ ପାଇଁ ଅଗ୍ରସର ହେଉଛି।

***I&PR***

## ସୁଭଦ୍ରା ଯୋଜନା– ପରିଚାଳିତ ବୈଠକ

ସୁଭଦ୍ରା ଯୋଜନାର କାର୍ଯ୍ୟକାରିତା ସମ୍ପର୍କିତ ଦ୍ୱିତୀୟ ପରିଚାଳନା ବୈଠକ ଭୁବନେଶ୍ୱର ଯୋଜନା ଓ ସଂଯୋଜନା ବିଭାଗ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସୁଭଦ୍ରା ହିତାଧିକାରୀଙ୍କ ଇ-କେୱାଇସି ଏବଂ ବ୍ୟାଙ୍କ ସମସ୍ୟାର ତୁରନ୍ତ ସମାଧାନ ପାଇଁ ନିଆଯାଉଥିବା ପଦକ୍ଷେପ ସହ ଏ ସମ୍ପର୍କିତ ତଥ୍ୟ ବିଶ୍ଳେଷଣ ପାଇଁ କୃତ୍ରିମ ବୁଦ୍ଧିମତା– ଏ.ଆଇ.ର ବ୍ୟବହାର କରାଯିବା ନେଇ ବୈଠକରେ ଆଲୋଚନା ହୋଇଥିଲା। ଅନ୍ୟପକ୍ଷରେ ସୁଭଦ୍ରା ହିତାଧିକାରୀଙ୍କ ସହ ସମନ୍ୱୟ ରଖାଯାଇ ସେମାନଙ୍କର ଦକ୍ଷତା ବିକାଶ, ଆତ୍ମନିର୍ଭରଶୀଳତା ଉପାୟ ଏବଂ ଅଭିଯୋଗର ସମାଧାନ ପାଇଁ ସୁଭଦ୍ରା ଶିବିର ଆୟୋଜନ କରାଯିବା ନେଇ ବୈଠକରେ ଆଲୋଚନା ହୋଇଥିଲା।

*PR*

## ସୁଭଦ୍ରା ଯୋଜନା

ଗଞ୍ଜାମ ଜିଲ୍ଲାର ପ୍ରାୟ ୧୦ ଲକ୍ଷ ମହିଳା ସୁଭଦ୍ରା ଯୋଜନାରେ ପ୍ରାୟ ୫୦୦ କୋଟିରୁ ଅଧିକ ଟଙ୍କା ପାଇସାରିଛନ୍ତି ବୋଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ଦିନିକିଆ ଗଞ୍ଜାମ ଜିଲ୍ଲା ଗସ୍ତ ଅବସରରେ କେନ୍ଦ୍ରମନ୍ତ୍ରୀ କହିଛନ୍ତି,ରାଜ୍ୟ ସରକାରଙ୍କ ପକ୍ଷରୁ ଜିଲ୍ଲାରେ ୪୪ ଲକ୍ଷ କୁଇଣ୍ଟାଲ ଧାନ କିଣାଯିବାକୁ ଲକ୍ଷ୍ୟ ରଖାଯାଇଛି।  କେନ୍ଦ୍ର ସରକାରଙ୍କ ପକ୍ଷରୁ ନିର୍ଦ୍ଧାରିତ ହୋଇଥିବା ଧାନର ଏମ୍.ଏସ୍.ପି. କୁଇଣ୍ଟାଲ ପିଛା ସହାୟତା ରାଶି ବାବଦରେ ଗଞ୍ଜାମ ଜିଲ୍ଲାକୁ ଆହୁରି ୪୦୦ରୁ ୫୦୦ କୋଟି ଟଙ୍କା ଦିଆଯିବ ବୋଲି ମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି।

*Desk*

## ହେନ୍ତାଳ ବଣ

ରାଜ୍ୟର ଉପକୂଳବର୍ତ୍ତୀ ପାଞ୍ଚୋଟି ଜିଲ୍ଲାରେ ଆସନ୍ତା ଆର୍ଥିକ ବର୍ଷ ୨୦୨୫-୨୬ରେ ୨୫୭ ହେକ୍ଟର ହେନ୍ତାଳ ବଣ ସୃଷ୍ଟି କରାଯିବା ନେଇ ସରକାର ଲକ୍ଷ୍ୟ ରଖିଛନ୍ତି। ଏ ସମ୍ପର୍କରେ ସୂଚନା ଦେଇ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ କହିଛନ୍ତି...

# - V/O -

ମନ୍ତ୍ରୀ କହିଛନ୍ତି ବିପର୍ଯ୍ୟୟ ମୁକାବିଲାରେ ହେନ୍ତାଳ ବଣର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ହେନ୍ତାଳ ବଣର ସୁରକ୍ଷା ପାଇଁ ସିସିଟିଭି ବ୍ୟବହାର

କରାଯିବ । ସରକାରୀ ସୂଚନା ଅନୁସାରେ, ଚଳିତ ବର୍ଷ ୩୭୫ ହେକ୍ଟର ଜମିରେ ହେନ୍ତାଳ ବଣ ସୃଷ୍ଟି କରାଯାଇଛି ।

***BBSR.R/Puri***

## ଶ୍ରୀମନ୍ଦିର- ଧାଡ଼ିଦର୍ଶନ

ପୁରୀ ଶ୍ରୀମନ୍ଦିରରେ ଚଳିତ ମାସରେ ପରୀକ୍ଷାମୂଳକ ଭାବେ ଧାଡ଼ିଦର୍ଶନ ବ୍ୟବସ୍ଥା କରାଯିବ ନାହିଁ ବୋଲି ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି । ଶ୍ରୀ ହରିଚନ୍ଦନ କହିଛନ୍ତି, ଆଜି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ, ଜିଲ୍ଲାପାଳ, ଆରକ୍ଷୀ ଅଧୀକ୍ଷକ ଏବଂ ଆଇନ ବିଭାଗର ଅଧିକାରୀଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକରେ ନିଷ୍ପତ୍ତି ଅନୁସାରେ, ଗଙ୍ଗାସ୍ନାନ ପଡୁଥିବାରୁ ଆସନ୍ତା ଜାନୁଆରୀ ୨୦ ତାରିଖ ଯାଏଁ ଶ୍ରଦ୍ଧାଳୁଙ୍କ ଭିଡ଼ ରହିବ । ଏହି ଅବଧି ସମୟରେ ଦର୍ଶନ ବ୍ୟବସ୍ଥାରେ କୌଣସି ପରୀକ୍ଷା ନିରୀକ୍ଷା କରାଯିବ ନାହିଁ । ତେବେ ଆସନ୍ତା ଜାନୁଆରୀ ମାସ ୨୦ରୁ ୨୨ ତାରିଖ ମଧ୍ୟରେ ଧାଡ଼ି ଦର୍ଶନ ପୂର୍ଣ୍ଣାଙ୍ଗ ଭାବେ ଲାଗୁ କରାଯିବ ବୋଲି ଆଇନମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଛନ୍ତି ।

***Jajpur***

## କୃଷି ଯନ୍ତ୍ରପାତି ମେଳା

ଯାଜପୁରଠାରେ ତିନିଦିନିଆ ଜିଲ୍ଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଅନୁଷ୍ଠିତ ହୋଇଯାଇଛି । ସାଂସଦ ରବୀନ୍ଦ୍ର ନାରାୟଣ ବେହେରା ମୁଖ୍ୟ ଅତିଥିଭାବେ ଯୋଗଦେଇ ଉନ୍ନତମାନର କୃଷି ଯନ୍ତ୍ରପାତି ରିହାତି ଦରରେ ଚାଷୀମାନେ କିପରି ପାଇପାରିବେ ସେ ସମ୍ପର୍କରେ ଆଲୋଚନା

କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିଧାୟକ ଅମର ନାୟକ, ଜିଲ୍ଲାପାଳ ପି.ଅନ୍ୱେଷା ରେଡ୍ଡୀ ପ୍ରମୁଖ ଉପସ୍ଥିତ ଥିଲେ ।

***BBSR/R***

## କପିଳେଶ୍ୱର ମନ୍ଦିର ଉନ୍ନତିକରଣ

ପୁରୁଣା ଭୁବନେଶ୍ୱରରେ ଥିବା ପ୍ରାଚୀନ କପିଳେଶ୍ୱର ମନ୍ଦିରର ଉନ୍ନତିକରଣ କରାଯିବ । ପ୍ରଥମ ପର୍ଯ୍ୟାୟରେ ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗ-ଏ.ଏସ୍.ଆଇ. ମରାମତି କାମ ଆରମ୍ଭ କରିବ । ଏକଦଶ ଶତାବ୍ଦୀରେ ଏହି ପ୍ରାଚୀନ ମନ୍ଦିରର ପ୍ରଥମ ପର୍ଯ୍ୟାୟ ଉନ୍ନତିକରଣ କାମ ପାଇଁ ୪୬ ଲକ୍ଷ ଟଙ୍କାର ଅନୁଦାନ ମିଳିଛି ବୋଲି ସାଂସଦ ଅପରାଜିତା ଷଡ଼ଙ୍ଗୀ କହିଛନ୍ତି । ଦ୍ୱିତୀୟ ପର୍ଯ୍ୟାୟରେ ସାମନ୍ତରାପୁରଠାରେ କପିଳେଶ୍ୱର ମନ୍ଦିର ପର୍ଯ୍ୟନ୍ତ ରାସ୍ତାର ଉନ୍ନତିକରଣ କରାଯିବ ।

***Rayagada***

## ବିଭିନ୍ନ ପ୍ରକଳ୍ପର ସମୀକ୍ଷା

ଗ୍ରାମ୍ୟ ଉନ୍ନୟନ ତଥା ଗ୍ରାମ୍ୟ ଜଳ ଓ ପରିମଳ ମନ୍ତ୍ରୀ ରବି ନାରାୟଣ ନାୟକ ଦୁଇ ଦିନିଆ ରାୟଗଡ଼ା ଗସ୍ତରେ ଯାଇ ବିଭିନ୍ନ ପ୍ରକଳ୍ପର ସମୀକ୍ଷା କରିଛନ୍ତି । କୋଲନାରା ଓ ବିଷମ କଟକ ବ୍ଲକ ଅନ୍ତର୍ଗତ ପୁରୁଣାପାଣିଠାରେ ଥିବା ବୃହତ ପାନୀୟ ଜଳ ପ୍ରକଳ୍ପକୁ ବୁଲି ଦେଖିଥିଲେ ।

**BHK**

# ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନା

ଭଦ୍ରକ ଜିଲ୍ଲା ବନ୍ତ ଓ ଭଦ୍ରକ ବ୍ଲକରେ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନା ଅନ୍ତର୍ଗତ ରାସ୍ତାର ଉଦ୍‌ଘାଟନ ଓ ଶିଳାନ୍ୟାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସାଂସଦ ଅଭିମନ୍ୟୁ ସେଠୀ, ବିଧାୟକ ସଞ୍ଜୀବ ମଲ୍ଲିକ, ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟ ପ୍ରମୁଖ ଯୋଗଦେଇ ଭଦ୍ରକ ବ୍ଲକର ୩ କୋଟି ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ହେବାକୁ ଥିବା ପ୍ରଧାନମନ୍ତ୍ରୀ ସଡ଼କ ରାସ୍ତାର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏଥିସହ ବନ୍ତ ବ୍ଲକରେ ବିଭିନ୍ନ ଗ୍ରାମ୍ୟ ଉନ୍ନୟନ ରାସ୍ତାର ଉଦ୍‌ଘାଟନ କରାଯାଇଥିଲା।

**Desk**

# ମନ୍ କୀ ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ୨୯ ତାରିଖ ରବିବାର ଦିନ ଆକାଶବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମରେ ଦେଶବାସୀଙ୍କ ସହ ଭାବ ବିନିମୟ କରିବେ। ଏହା ପ୍ରଧାନମନ୍ତ୍ରୀଙ୍କ  ମନ୍ କୀ ବାତ୍ କାର୍ଯ୍ୟକ୍ରମର ୧୧୭ତମ ସଂସ୍କରଣ ହେବ। ମନ୍ କି ବାତ୍ କାର୍ଯ୍ୟକ୍ରମ ଆକାଶବାଣୀ ଓ ଦୂରଦର୍ଶନର ସମସ୍ତ କେନ୍ଦ୍ର, ଆକାଶବାଣୀ ସମ୍ବାଦ ୱେବ୍‌ସାଇଟ୍ ଓ ନ୍ୟୁଜ୍ ଅନ୍ ଏ.ଆଇ.ଆର୍. ମୋବାଇଲ୍ ଆପ୍‌ରେ ଉପଲବ୍ଧ ହେବ। ଆକାଶବାଣୀ ସମ୍ବାଦ, ଡି.ଡି. ନ୍ୟୁଜ୍, ପି.ଏମ୍.ଓ. ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ୟୁଟ୍ୟୁବ୍ ଚ୍ୟାନେଲ୍‌ରେ ମନ୍ କୀ ବାତ୍ କାର୍ଯ୍ୟକ୍ରମର ଲାଇଭ୍ ଷ୍ଟ୍ରିମିଙ୍ଗ୍ ହେବ।

ପ୍ରଧାନମନ୍ତ୍ରୀଙ୍କର ସମ୍ବୋଧନ ପରେ ଆଞ୍ଚଳିକ ଭାଷାରେ ମନ୍ କୀ ବାତ୍ ପ୍ରସାରଣ କରାଯିବ। ଆଞ୍ଚଳିକ ଭାଷାରେ ଏହାର ଭାଷାନ୍ତର ପୁଣିଥରେ ସେହିଦିନ ରାତି ୮ଟାରେ ପ୍ରସାରଣ କରାଯିବ।

***Desk***

## ହକି ଲିଗ୍

ରାଉରକେଲା ବିର୍ସା ମୁଣ୍ଡା ହକି ଷ୍ଟାଡିୟମଠାରେ ଆସନ୍ତା ଶନିବାରଠାରୁ ହକି ଇଣ୍ଡିଆ ଲିଗ୍-୨୦୨୪-୨୫ ଖେଳାଯିବ।  ଦୁଇଟି ପର୍ଯ୍ୟାୟରେ ମ୍ୟାଚ୍ ଖେଳାଯିବ। ପ୍ରଥମ ପର୍ଯ୍ୟାୟ ଡିସେମ୍ବର ୨୮ ତାରିଖଠାରୁ ଜାନୁଆରୀ ୧୮ ତାରିଖ ପର୍ଯ୍ୟନ୍ତ ଏବଂ ଦ୍ୱିତୀୟ ପର୍ଯ୍ୟାୟ ଜାନୁଆରୀ ମାସ ୧୯ ତାରିଖଠାରୁ  ଖେଳାଯିବ। ଜାନୁଆରୀ ମାସ ୩୧ ତାରିଖରେ ସେମିଫାଇନାଲ ମ୍ୟାଚ୍ ଗୁଡ଼ିକ ଆରମ୍ଭ ହେବ। ଫାଇନାଲ ମ୍ୟାଚ୍ ଫେବୃଆରୀ ମାସ ୧ ତାରିଖରେ ଖେଳାଯିବ। ସମୁଦାୟ ମ୍ୟାଚ୍‌ଗୁଡ଼ିକ ମଧ୍ୟରୁ ୪ଟି ମ୍ୟାଚ୍ ରାଞ୍ଚିରେ ଖେଳାଯିବ ଏବଂ ଅନ୍ୟ ସମସ୍ତ ମ୍ୟାଚ୍ ରାଉରକେଲାରେ ଖେଳାଯିବ। ହକି ଇଣ୍ଡିଆ ଲିଗ୍‌ରେ ଯୋଗଦେବା ପାଇଁ ୭ଟି ଦଳ ବର୍ତ୍ତମାନ ରାଉରକେଲାରେ ପହଁଞ୍ଚିସାରିଛନ୍ତି। ଅନ୍ୟପକ୍ଷରେ ଆଜି କଳିଙ୍ଗ ଷ୍ଟାଡିୟମ୍‌ଠାରେ ହକି ଇଣ୍ଡିଆ ଲିଗ୍‌ର ଜର୍ସି ଓ ମାସ୍କଟକୁ କ୍ରୀଡ଼ା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଉନ୍ମୋଚନ କରିଛନ୍ତି।